### ବର୍ଷେ ହେବ ଅଟକିରହିଛି ଆନ୍ତଃଜିଲ୍ଲା ଏସି ବସ୍ ସେବା

# ଜିଲ୍ଲାରୁ ଗଡ଼ିବା ଅପେକ୍ଷାରେ ୬ଟି ଓଏସ୍ଆର୍‌ଟିସି ବସ୍

ବାରିପଦା, ୩୦ ।୩(ସମିସ):

ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା 'ଲକ୍ଷ୍ମୀ ବସ' ସେବା ଯୋଜନା ଅନୁସାରେ ଆଦିବାସୀ ବହୁଳ ମୟୂରଭଞ୍ଜ

### ଘରୋଇ ବସ୍ ମାଲିକଙ୍କ ଅଭିଯୋଗକ୍ରମେ ଚଳାଚଳ ସ୍ଥଗିତ ରହିଛି

ଜିଲ୍ଲାରେ ଗ୍ରୀଷ୍ମଦିନରେ ଆରାମଦାୟକ ଶୀତତାପ ନିୟନ୍ତ୍ରିତ ଓଏସଆରଟିସି ଆନ୍ତଃଜିଲ୍ଲା ବସ୍ ସେବା ଏପର୍ଯ୍ୟନ୍ତ ଆରମ୍ଭ ହେଇପାରୁନି। ବର୍ଷକ ତଳେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇ ବସ୍‌ଗୁଡିକ ଚଳାଚଳ ଶୁଭାରମ୍ଭ ପୂର୍ବରୁ ଅଟକି ରହିଛି। ଜିଲ୍ଲାରୁ ପଡୋଶୀ ଜିଲ୍ଲାକୁ



ନୂତନ କରି ୬ଟି ଏସସି ବସ୍ ଚାଲିବାକୁ ଥିବାବେଳେ ତାହାକୁ ସାମୂହିକ ଭାବେ ସ୍ଥଗିତ ରଖିବାକୁ ଇତିମଧ୍ୟରେ ଏକବର୍ଷ ବିତିଯାଇଥିଲେ ହେଁ ସମାଧାନ ହୋଇନି। ଏହାର ସମାଧାନ କରାଯିବାକୁ ସାଧାରଣରେ ଦାବି ହେଉଛି।

ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଯାତାୟାତକୁ ସହଜ, ସୁବିଧା ଓ ସୁଲଭ କରିବା ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟକୁ ଅଗ୍ରାଧିକାର ଦେଇ ରାଜ୍ୟ ସରକାରଙ୍କ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ସଂସ୍ଥା (ଓଏସଆରଟିସି) ଜରିଆରେ ନୂତନ ରୁଟ୍‌ରେ ବସ ଚଳାଚଳ ଆରମ୍ଭ କରିବାକୁ ଯାଉଥିଲା। ବାରିପଦାରୁ ଚିତ୍ରଡା, ରାସଗୋବିନ୍ଦପୁର ଦେଇ ଜଳେଶ୍ୱର ରୁଟରେ ୨ଟି ବସ, କପ୍ତିପଦାର ପୋଡ଼ାଡିହାରୁ ଉଦଳା ଦେଇ ବାଲେଶ୍ୱର ରୁଟରେ ୨ଟି ବସ ଓ ଯଶିପୁରର ତିଙ୍ଗିରିଆ ଅଞ୍ଚଳରୁ କେନ୍ଦୁଝରକୁ ୨ଟି ବସ ସେବା ଆରମ୍ଭ ହେବାକୁ ଥିଲା। ଜିଲ୍ଲାର ଉକ୍ତ ୩ଟି ରୁଟ୍‌ରେ ବସ ଚଳାଚଳ ନେଇ ବିଭାଗ ପକ୍ଷରୁ ଚୂଡ଼ାନ୍ତ କରି ଉଭୟ ପଟୁ ଚଳାଚଳ ପାଇଁ ୩ ଯୋଡା ଅର୍ଥାତ ୬ଟି ଏସସି ବସ ବର୍ଷକ ତଳେ ପ୍ରଦାନ କରିଥିଲେ। ବସ୍‌ଗୁଡିକ ମଧ ବାରିପଦା, ଉଦଳା ଓ ଯଶିପୁରରେ ପହଞ୍ଚିଥିବାବେଳେ ପରିବହନ ବିଭାଗ ୱେବସାଇଟରେ ବସ ଚଳାଚଳ ସାରଣୀ ପ୍ରକାଶ ପାଇଥିଲା। ତତ୍‌ସହିତ ୨୦୨୫ ମାର୍ଚ୍ଚ ଶେଷ ସପ୍ତାହରେ ବସ ଚଳାଚଳ ଚୂଡ଼ାନ୍ତ ଥିବା ନେଇ ବିଭାଗ ପକ୍ଷରୁ ଏକ୍ସ ଯୋଗେ ସୂଚନା ପ୍ରଦାନ କରିଥିଲେ। କିନ୍ତୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ବସ୍ ଚଳାଚଳ ନେଇ ଧାର୍ଯ୍ୟ ସମୟକୁ ପ୍ରଶ୍ନ ଉଠାଇ ଘରୋଇ ବସ ସଂଘ ସେତେବେଳେ ଅଭିଯୋଗ କରି ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେବାରୁ ୩ ଯୋଡା ବସ ସେବା ଜିଲ୍ଲାରୁ ଗଡ଼ିବା ନେଇ ଅନିଶ୍ଚିତତା ବଢିଥିଲା। ଶେଷରେ ନୂତନ ବସ ଚଳାଚଳକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସାମୂହିକ ଭାବେ ସ୍ଥଗିତ ରଖିବାକୁ ପଡିଥିଲା। ଘଟଣାକୁ ଏକବର୍ଷ ବିତିଥିଲେ ହେଁ ବିଭାଗର ଆଗାମୀ ନିଷ୍ପତ୍ତିକ୍ରମେ ବସ୍ ଚଳାଚଳ କରିବ କି ନାହିଁ ତାହା ଜଣାପଡୁନାହିଁ।

## କଳିଙ୍ଗ ଡିଗ୍ରୀ କଲେଜରେ ଛାତ୍ରୀ ସଶକ୍ତୀକରଣ କାର୍ଯ୍ୟକ୍ରମ




ବିଶୋଇ,୩୦।୩ (ସମିସ) : ମଣଦାସ୍ଥ କଳିଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ବିଭିନ୍ନ ସଶକ୍ତିକରଣ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଶକ୍ତିଶ୍ରୀ ସଶକ୍ତିକରଣ ସେଲ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଭୂପତି କୁମାର ମହାନ୍ତ ଉଦଘାଟନ କରି ଛାତ୍ରୀମାନଙ୍କ ସର୍ବାଙ୍ଗୀନ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ବିଭିନ୍ନ ପ୍ରଶ୍ନକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଦୁବରାଜ ହେମ୍ବ୍ରମ, ଡା. ପଣ୍ଡିତ ପ୍ରୀତମ କୁମାର ଓ ଡା. ଦେବବ୍ରତ ଟୁଡୁ ଯୋଗଦେଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟରକ୍ଷା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଦିବସରେ ଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ସମ୍ବନ୍ଧିତ ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହିତ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଏକ ଆର୍ଥିକ ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ, ରଙ୍ଗୋଲି ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା। ଆଜି ଉଦଯାପନୀ ସଭାରେ ଅଧକ୍ଷ ଭୂପତି କୁମାର ମହାନ୍ତ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଜ୍ଞାନରଞ୍ଜନ ମହାପାତ୍ର ସଂଯୋଜନା କରିଥିବାବେଳେ ଅଧ୍ୟାପକ ସଞ୍ଜୟ କୁମାର ଗିରି, ସ୍ନିଗଧ ଚନ୍ଦନ ରାଉତ, ସମ୍ବିତ ପତି, ଦୁର୍ଜୟ ଗିରି, କୁନୁ ମହାପାତ୍ର, ନିରାକାର ଗୋପ, କଲେଜର ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



ଚମ୍ପୁଆ ,୩୦।୩(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ସଭାଗୃହ ଠାରେ ଆଜି ମନରେଗା ଓ ସମଗ୍ର ଶିକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଯୋଗଗୁଡ଼ିକ ଉପରେ ଶୁଣାଣି କରିଥିଲେ। ବିଡିଓ ସ୍ମୃତି ରଞ୍ଜନ ସାହୁ ଅଧକ୍ଷତା କରି ଶିବିରରେ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସାମାଜିକ ଅଡିଟର୍ ଚନ୍ଦନ କୁମାର ଆଇଚ୍ ଏବଂ ବ୍ଲକ ସାମାଜିକ ଅଡିଟର୍ ଦେବୁ ପ୍ରସାଦ ମିଶ୍ର ପ୍ରମୁଖ ସମଗ୍ର ଶିକ୍ଷା ବ୍ୟବସ୍ଥା ପାଇଁ ଆସୁଥିବା ସରକାରୀ ଅନୁଦାନ ଗୁଡିକର କେସ ରେକର୍ଡ ଓ ଫାଇଲ ପତ୍ର ଅପଲୋଡ଼ କରାଯାଉନଥିବାରୁ ନେଇ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଆଗାମୀ ୭ଦିନ ଭିତରେ ଏ ସମ୍ବନ୍ଧୀୟ ସମସ୍ତ ରେକର୍ଡ ଅପଲୋଡ଼ କରିବାକୁ ତାଗିଦ୍ କରିଥିଲେ। ନହେଲେ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରୋକଠୋକ ଶୁଣାଇଥିଲେ। ଚମ୍ପୁଆ ବ୍ଲକ ଅନ୍ତର୍ଗତ ୨୨ଟି ପଞ୍ଚାୟତରେ ସମଗ୍ର ଶିକ୍ଷା ରେ ୯୦ଟି ସମସ୍ୟା ଅମିମାଂସିତ ହୋଇ ପଡ଼ିରହିଛି। ସେସବୁକୁ ତୁରନ୍ତ ସମାଧାନ କରି ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମନରେଗା ଯୋଜନାର ସମୀକ୍ଷା କରାଯାଇ ଅନୁମୋଦିତ ଯୋଜନା କେତେ, କେତେ କାର୍ଯ୍ୟକାରୀ ହୋଇଛି,କେତୋଟି ସଂପୂର୍ଣ୍ଣ ହୋଇଛି ଏବଂ କେତୋଟି ଅସଂପୂର୍ଣ୍ଣ ରହିଛି,ତାହା ଉପରେ ଆଲୋଚନା କରାଯାଇ ସମସ୍ୟା ସମାଧାନର ବାଟ ବାହାର କରାଯାଇଥିଲା। ସେହିପରି ସମସ୍ତଙ୍କୁ ଜବ୍‌କାର୍ଡ ସହ ୨୦୦ଦିନର କାମ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ସୁରେଶ ଚନ୍ଦ୍ର ନାୟକ,ଏବିଡିଓ ରୁନୁ ହାଁସଦା, ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସାଚୀ ନାଏକ,ଏପିଓ ସଙ୍ଗୀତା ମାଝୀ, ସମସ୍ତ ଦେଇ,ଶିକ୍ଷକ/ଶିକ୍ଷୟିତ୍ରୀ,ପିଇଓ,ଏଡିଇଓ, ଓ ବିଭିନ୍ନ ଲାଇନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଶିରିଡ଼ି ସାଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସାନକେରକୋ, ୩୦ ।୩(ସମିସ): ବଡ଼ସାହି ବ୍ଲକ ଅଧୀନ ବିରେଶ୍ୱରପୁର ପଞ୍ଚାୟତରେ ଥିବା ଶିରିଡି ସାଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବସନ୍ତ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜୟପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବିତ ଶ୍ରୀଯୁକ୍ତ ଜଗଦିଶ ମିଶ୍ର ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ନମ୍ର ଓ ଉତ୍ତମ ଚରିତ୍ରର ଅଧିକାରୀ ହେବା ସଂଗେସଂଗେ ସମ୍ଭ୍ରମ ଆଚରଣ କରିବା ବିଚାରବନ୍ତ ହୋଇ ଦେଶର ଉତ୍ତମ ନାଗରିକ ହେବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବଡ଼ସାହି ବ୍ଲକର ଏବିଇଓ ଅଭିରାମ ନାଏକ ଯୋଗଦେଇ ଛାତ୍ରଙ୍କୁ ଶୃଙ୍ଖଳିତ ଓ ସ୍ୱାବଲମ୍ବି ହେବାକୁ ଉପଦେଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ମାଧ୍ୟମିକ ବିଦ୍ୟାଳୟରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଂକର ଚନ୍ଦ୍ର ସିଂ ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ ଯେ କଠିନ ପରିଶ୍ରମ ଓ ଅଧବସାୟୀ ବଳରେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ। ଅନ୍ୟତମ ସମ୍ମାନିତ ଅତିଥି



ସାମ୍ବାଦିକ ଖଗେଶ୍ୱର ନାୟକ ମାନବିକତା, ଦେଶପ୍ରେମ ତଥା ପରୋପକାରିତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଅନୀଲ ମୋହନ ଲାଲ୍ ଚାଓଡା ବିଦ୍ୟାଳୟର କାର୍ଯ୍ୟକ୍ରମ ଉପରେ ଖୁସି ବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥିଙ୍କ ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ ତଥା ଅଭିନନ୍ଦନ ଜ୍ଞାପନ କରିଥିଲେ ସୁଶ୍ରୀ ଗୀତାରାଣୀ ମହାକୁଡ଼। ସର୍ବେପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପରେ ଜଗତର ନାଥ ଜଗନ୍ନାଥ ଏବଂ ଶିରିଡି ସାଇଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଉଦଘାଟନ କରିଥିଲେ ତତ୍ପରେ ସମ୍ପାଦିକା ଶୁଭଲକ୍ଷ୍ମୀ ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀମାନଙ୍କ ଦ୍?ାରା ସ୍?ାଗତ ସଙ୍ଗୀତ ଗାନ ପରେ ପରେ ଅତିଥିବୃନ୍ଦ ଉଦ୍ବୋଧନ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ସୁଶ୍ରୀ ଲିପିଶ୍ରୀ ମୁର୍ମୁ ଉତ୍ସବ ପରିଚାଳନା କରିଥିଲେ ଶୁଭଲକ୍ଷ୍ମୀ ପତି। ଝଙ୍କଙ୍କଗ୍ରୁଗ୍ର ର ଗ.ଉ ଶ୍ରୀ ଯୁକ୍ତ ସତ୍ୟବ୍ରତ ମିଶ୍ର ଉପସ୍ଥିତ ସମସ୍ତଙ୍କର ଶୁଭକାମନା କରିବା ସଙ୍ଗେ ସଙ୍ଗେ ସହଯୋଗ କାମନା କରିଥିଲେ। ଗୀତାରାଣି ମହାକୁଡ଼, ସୁପ୍ରିୟା ଗିରି, ଲିପିଶ୍ରୀ ମୁର୍ମୁ, ଭାରତୀ ସାହୁ, କାନନୀକା ନାଏକ,ଜୟଶ୍ରୀ ଆଚାର୍ଯ୍ୟ, ସତେନ୍ ନାଏକ, କନକଲତା ନାଏକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତତ୍ପରେ ଛାତ୍ର ଛାତ୍ରୀ ମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ସାରସକଣା,୩୦।୩(ସମିସ): ଆଜି ମାସର ଶେଷ ସୋମବାରରେ ସାରସକଣା ବ୍ଲକ ଅନ୍ତର୍ଗତ ପାକଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମୟୂରଭଞ୍ଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷର ବ୍ୟବଧାନ ପରେ ଏ ପ୍ରକାର ଜନଶୁଣାଣି ପାକଟିଆରେ ଅନୁଷ୍ଠିତ ହୋଇଥିଲା ମଧ କିଛି କିଛି ସୁବିଧା ପାଇ ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ପୋଖରୀଡିହା ପଞ୍ଚାୟତରେ ଜିଲ୍ଲାପାଳଙ୍କ ଜନଶୁଣାଣି ହୋଇଥିଲା। ଏ ଅବସରରେ ଜିଲ୍ଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି , ସାରସକଣା ବିଧାୟକ ଭାଦ୍ରବ ହାଁସଦା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି, ତହସିଲଦାର ମନୋଜ କାର୍ଜୀ, ବ୍ଲକ ଅଧକ୍ଷା ତୁଳସୀ ସିଂ ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷା ଜଣେ ଆଦିବାସୀ ମହିଳା ତାଙ୍କୁ ଡାକି ଅପମାନ କରାଯାଇଛି। ବହୁତ ସଂଖ୍ୟାରେ ବୃଦ୍ଧାବୃଦ୍ଧ ଛଅ ମାସ ହେଲାଣି ଭତ୍ତା ଟଙ୍କା ପାଉନଥିବା ଅଭିଯୋଗ ହେଇଛି। ତେବେ ଅଧାରୁ ଉଠି ପଳାଇଯାଇଥିଲେ ଜିଲ୍ଲାପାଳ ଓ ଏସପି। ଏଥିସହିତ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରମୁଖ ପଦାଧିକାରୀ ତଥା ବ୍ଲକ ପ୍ରଶାସନର ଲାଇନ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଶିବିରକୁ ପରିଚାଳନା କରିଥିଲେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାହୁ ଓ ତାଙ୍କୁ ସହାୟତା କରିଥିଲେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜେଶ ବେହେରା ଓ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ବୃହସ୍ପତି ମୁର୍ମୁ। ରେଡକ୍ରସ ପକ୍ଷରୁ ୨ ଜଣଙ୍କୁ ୧୦,୦୦୦ ଲେଖାଏଁ ଅର୍ଥରାଶି ଓ ୧ ଜଣଙ୍କୁ ୭୫୦୦/- ଅର୍ଥରାଶି ସହାୟତା ଆକାରରେ ପ୍ରଦାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧ ଜଣଙ୍କୁ ୧୦,୦୦୦ ମଧ ଆର୍ଥିକ ସହାୟତା ଦିଆଯାଇଥିଲା। ଏହି ଶିବିରରେ ୨୧୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।

## ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧିର ଜିଲ୍ଲା ଯୋଜନା ବୈଠକ



ବାରିପଦା, ୩୦ ।୩(ସମିସ): ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧିର ଜିଲ୍ଲା ଯୋଜନା ବୈଠକ ବାରିପଦାସ୍ଥ ସଂସ୍କୃତି ଭବନରେ ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡ. ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାନ୍ତ ଟୋଲୀ ସଦସ୍ୟ ତଥା ମୟୂରଭଞ୍ଜ ବିଭାଗ ସଂଯୋଜକ ନଳିନୀକାନ୍ତ ମହାନ୍ତ ଯୋଗଦାନ କରି ପେଡ ଲଗାଓ, ପାନୀ ବଚାଓ, ପଲିଥିନ ହଟାଓ, ଜମି, ଜଙ୍ଗଲ, ଜନ୍ତୁ, ଜୀବର ସୁରକ୍ଷା ପାଇଁ ପର୍ଯ୍ୟାବରଣ ପ୍ରହରୀଙ୍କ ଭୂମିକା ବିଷୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରଚାରକ ଗଣେଶ ଚନ୍ଦ୍ର ମଲ୍ଲିକ ଯୋଗଦାନ କରି ପରିବେଶ ସଂରକ୍ଷଣରେ ସ୍ୱୟଂସେବକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ କହିଥିଲେ। ଏଥିରେ ପ୍ରାନ୍ତ ଟୋଲୀ ସଦସ୍ୟ ବିଭାଗ ସଂଯୋଜକ ଓ ଜିଲ୍ଲା ସଂଯୋଜକଙ୍କ ସମେତ ୫ଟି ଖଣ୍ଡର ୧୦ଜଣ ପର୍ଯ୍ୟାବରଣ ପ୍ରହରୀ ଅଂଶଗ୍ରହଣ କରି ପର୍ଯ୍ୟାବରଣ ସୁରକ୍ଷା ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତ କରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ପର୍ଯ୍ୟାବରଣ ପ୍ରହରୀ ମାନେ ହେଲେ ସନ୍ତୋଷ କୁମାର ଖଣ୍ଡା, ବେତନଟୀ ଖଣ୍ଡ ସଂଯୋଜକ, ଅରୂପାନନ୍ଦ ଦାସ, ବେତନଟୀଖଣ୍ଡ ସଦସ୍ୟ, ଦୀନବନ୍ଧୁ ମହାନ୍ତ ବାଙ୍ଗିରିପୋଷି ଖଣ୍ଡ ସଂଯୋଜକ, ଛୋଟରାୟ ମହାନ୍ତ, ଶୁଳିଆପଦା ଖଣ୍ଡ ସଂଯୋଜକ, ରସ୍ମନ ମହାନ୍ତ, ଶୁଳିଆପଦା ଖଣ୍ଡ ସହ ସଂଯୋଜକ, ସମ୍ବିତ କୁମାର ଜେନା ବାରିପଦା ନଗର ସଂଯୋଜକ କ୍ଷ ମୋରଡା ବ୍ଲକ ପର୍ଯ୍ୟାବରଣ ସଂରକ୍ଷଣ ସଂଯୋଜକ କିଶୋର କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଣୀପୋଖରୀ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା କାର୍ଯ୍ୟକ୍ରମ

ଶରତ, ୩୦।୩(ସମିସ): କପ୍ତିପଦା ଫାୟାର ଷ୍ଟେସନ ପକ୍ଷରୁ ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଅଗ୍ନି ନିରାପତ୍ତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଗ୍ୟାସ୍ ବ୍ୟବହାର ସମୟରେ କ'ଣ ସତର୍କତା ଅବଲମ୍ବନ କରାଯିବ, କିପରି ସିଲିଣ୍ଡର ଚିହ୍ନଟ, ବ୍ୟାଚ ନମ୍ବର, ଓଜନ, ଇତ୍ୟାଦି ପୁଙ୍ଖାନୁପୁଙ୍ଖ ଭାବେ କର୍ମୀ ନବୀନ କୁମାର ପାତ୍ର ବୁଝାଇଥିଲେ। ଏଥିସହ ନିଆଁ ଲାଗିଲେ କିପରି ସେଥିରୁ ସୁରକ୍ଷା ପାଇବା ତା'ର ପ୍ରଦର୍ଶନ କରିଥିଲେ। ଗ୍ୟାସର ସୁରକ୍ଷିତ ବ୍ୟବହାର ଓ ତତଜନିତ ବିଭିନ୍ନ ଦୁର୍ଘଟଣାର ଭୟାବହତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଉପର ମହଲାରେ ନିଆଁ ଲାଗିଲେ କିପରି ଲୋକଙ୍କୁ ଉଦ୍ଧାର କରାଯିବ, ତାହାର ପ୍ରଦର୍ଶନ କରିଥିଲେ। ତାହାଛଡ଼ା ଭୂମିକମ୍ପ, ଘୂର୍ଣ୍ଣିବାତ୍ୟା ଓ ବଜ୍ରପାତ ସମୟରେ କିପରି ନିଜକୁ ସୁରକ୍ଷିତ ରଖିବା ତାହା ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ମଧ୍ୟାହ୍ନଭୋଜନ ରୋଷେୟା, ହଷ୍ଟେଲ ରୋଷେଇୟା, ସୁରକ୍ଷା କର୍ମୀ, ଛାତ୍ରଛାତ୍ରୀ ଅନେକ ଜୀବନ



ରକ୍ଷାକାରୀ ଉପାୟ ଶିକ୍ଷା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯକ୍ରମକୁ ପରିଚାଳନା କରିଥିଲେ ଅଫିସର ଇନ୍‌ଚାର୍ଜ ହୃଦାନନ୍ଦ ନାୟକ, ଫାୟାର ଫାଇଟର ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ନାଥ ସିଂ, ଅଜିତ୍ କୁମାର ନାୟକ। ବିଦ୍ୟାଳୟର ଏନର୍ଜି କ୍ଲବ ଶିକ୍ଷକ ଦେବାଶିଷ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି ଓ ପରମ୍ପରା ସୁରକ୍ଷା ଦାବିରେ ଆଦିବାସୀଙ୍କ ମେଳି

ଆନନ୍ଦପୁର,୩୦।୩ (ସମିସ): ଆଦିବାସୀ ଧାର୍ମିକ ସ୍ୱତନ୍ତ୍ରତା, ସଂସ୍କୃତି ଓ ପରମ୍ପରା ସୁରକ୍ଷା ସହ ସାମ୍ବିଧାନିକ ଅଧିକାର ଦାବିରେ ସୋମବାର ଆନନ୍ଦପୁରରେ ଏକ ବିଶାଳ ଶାନ୍ତିପୂର୍ଣ୍ଣ ରାଲି ଆୟୋଜିତ ହୋଇଥିଲା। ଏହି ରାଲି ଆନନ୍ଦପୁର ଷ୍ଟାଡିୟମ ପଡିଆରୁ ଆରମ୍ଭ ହୋଇ ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ରାଲିରେ ଶତାଧିକ ଆଦିବାସୀ ଭାଇ-ଭଉଣୀ ଯୋଗଦେଇ 'ଆମ ପରିଚୟ, ଆମ ଅଧିକାର' ନାରା ଦେଇ ନିଜ ଦାବି ଉଠାଇଥିଲେ। ପରେ ପ୍ରତିନିଧିମଣ୍ଡଳ ଉପ-ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଆଇନ-ଶୃଙ୍ଖଳା ରକ୍ଷା ସହ ଦାବିଗୁଡ଼ିକ ପୂରଣ ପାଇଁ ଅନୁରୋଧ କରିଥିଲେ। ଦାବିମାନଙ୍କ ମଧ୍ୟରେ ଜାହେର ଗାଲ୍ ଅପମାନ ଘଟଣାର ଝଓଞ୍ଚ ମାଧ୍ୟମରେ ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କୁ କଠୋର ଶାସ୍ତି, ସମସ୍ତ ଜାହେର ଗାଲ୍ ଓ ଆଦିବାସୀ ପୂଜାସ୍ଥଳର ସୁରକ୍ଷା, ଘଟଣାକୁ ସଂଗଠିତ ଷଡ଼ଯନ୍ତ୍ର ଭାବେ ତଦନ୍ତ କରି ଜଡିତ ନେଟୱାର୍କକୁ ଧରାଯିବା, ଥାନାର ଅବହେଳା ଉପରେ କାର୍ଯ୍ୟାନୁଷ୍ଠାନ ଓ ୨୦୨୬-୨୭ ଜନଗଣନା ପୂର୍ବରୁ ଝଞ୍ଚ ପାଇଁ ସ୍ୱତନ୍ତ୍ର ଧର୍ମ କଲମ ସମ୍ମିଳନ ଦାବି ଥିଲା। ରାଲି ସମୟରେ ଆନନ୍ଦପୁର ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସମଗ୍ର ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଥିଲା ଓ କୌଣସି ଅପ୍ରୀତିକର ଘଟଣା ଘଟିନଥିଲା। ସହଯୋଗୀ ଭାବେ ଅନ୍ଧାରିଆ ମାଝିବାବା, ଓ ଅନ୍ୟାନ୍ୟ ସଂଗଠନ ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ।



## ଖଡ଼ବିଲ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଆନନ୍ଦପୁର,୩୦।୩ (ସମିସ): ଆନନ୍ଦପୁର ବ୍ଲକ୍ ବାଇଲୋ ଗ୍ରାମ ପଞ୍ଚାୟତ ଖଡିବିଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇ ଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ



ସଭାରେ ମୁଖ୍ୟ ଅତିଥି ଭାବେ ଟୁକୁଣା ସାଧନ କେନ୍ଦ୍ରର ସିଆର୍‌ସିସି ପ୍ରହଲ୍ଲାଦ ସ୍ୱାଇଁ ଯୋଗଦେଇ ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତା ଓଝା ଓ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ତୃପ୍ତିମୟୀ ରାଉତଙ୍କୁ ନିଜର କର୍ତ୍ତବ୍ୟନିଷ୍ଠ ଦାୟିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା। କମିଟିର ସଦସ୍ୟ ସୁକାନ୍ତ ଜେନା, ପଦ୍ମିନୀ ଦଳେଇ, ସୁଲୋଚନା ଜେନା, ଅନସୂୟା ଜେନା, ପ୍ରଭାତୀ ଜେନା, ବାପିନ ଜେନା ଓ ସୁବ୍ରତ ପେରେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ସୁକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଶିଳ୍ପ କେନ୍ଦ୍ରରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ



ବାରିପଦା,୩୦ ।୩(ସମିସ): ବାରିପଦାସ୍ଥ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି) ପରିସରରେ 'ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। କଟକ ଶିଳ୍ପ ନିର୍ଦ୍ଦେଶାଳୟ ପ୍ରାୟୋଜିତ, ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ନୂତନ ଓ ପୁରାତନ ଉଦ୍ୟୋଗୀଙ୍କୁ ସରକାରୀ ସହାୟତା ଓ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଛି। ଏ ଅବସରରେ ପ୍ରଧାନମନ୍ତ୍ରୀ ଫର୍ମାଲାଇଜେସନ ଅଫ ମାଇକ୍ରୋ ଫୁଡ ପ୍ରୋସେସିଂ ଏଣ୍ଟରପ୍ରାଇଜେସ (ପିଏମଏଫଏମଇ) ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଏହି ଯୋଜନାରେ ବ୍ୟକ୍ତିଗତ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା ପାଇଁ ମୋଟ ପ୍ରକଳ୍ପ ବ୍ୟୟର ୩୫ ପ୍ରତିଶତ ପର୍ଯ୍ୟନ୍ତ କ୍ରେଡିଟ୍-ଲିଙ୍କଡ୍ ସବସିଡି (ରିହାତି) ପ୍ରଦାନ କରାଯାଉଛି, ଯାହାର ସର୍ବାଧିକ ସୀମା ୧୦ ଲକ୍ଷ ଟଙ୍କା ରହିଛି। ବ୍ୟକ୍ତିଗତ ଉଦ୍ୟୋଗୀଙ୍କ ବ୍ୟତୀତ ଏଫପିଓ, ଏସଏଚଜି ଓ ସମବାୟ ସମିତି ମଧ ସାଧାରଣ ଭିତ୍ତିଭୂମି କୋଲ୍ଡ ଷ୍ଟୋରେଜ୍, ୱେୟାରହାଉସ୍ ଓ ଲ୍ୟାବ୍ ପ୍ରତିଷ୍ଠା ପାଇଁ ୩୫ ପ୍ରତିଶତ ସହାୟତା ପାଇପାରିବେ। ଇଚ୍ଛୁକ ହିତାଧିକାରୀ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ଏହି ସଚେତନତା ଶିବିରରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଉଦ୍ୟୋଗୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିବା ସହ କିଭଳି ମୟୂରଭଞ୍ଜ ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବିପ୍ଳବ ଆସିପାରିବ, ସେ ନେଇ ଆଲୋଚନା କରିଥିଲେ। ସ୍ଥାନୀୟ ଉତ୍ପାଦର ବ୍ରାଣ୍ଡିଂ ଓ ମାର୍କେଟିଂ ପାଇଁ ମଧ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଦିନେଶ ଶଙ୍କର ହୋତା ପ୍ରତିଶ୍ରୁତି ଦେଇଛନ୍ତି।

# ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର

ବାରିପଦା, ୩୦ ।୩(ସମିସ):

ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ 'ପରିବର୍ତ୍ତନଶୀଳ ପୃଥିବୀରେ ମାନବ ସାମର୍ଥ୍ୟର ଉଦ୍‌ଘାଟନ' ଶୀର୍ଷକ ଏକଦିବସୀୟ ଜାତୀୟ ସମ୍ପାନ ଆୟୋଜିତ ହୋଇଯାଇଛି। ଉକ୍ତ ଜାତୀୟ ସମ୍ପାନରେ ମୁଖ୍ୟଅତିଥି ଭାବେ ଭାରତୀୟ ପ୍ରଯୁକ୍ତି ସଂସ୍ଥା, ଖଡ଼୍‌କପୁରର ମନସ୍ତତ୍ତ୍ୱ ବିଭାଗର ପ୍ରଫେସର ଡକ୍ଟର ରବୀନ୍ଦ୍ର କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରର ସହକାରୀ ପ୍ରଫେସର ଡ ଜୟଶ୍ରୀ ମିଶ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ ପ୍ରଧାନ ମହାମାରୀ କରୋନାତ୍ତୋର କାଳରେ ନିଜ ଆଜୀୟସ୍ୱଜନଠାରୁ ଦୂରେଇ ଯାନ୍ତ୍ରିକ ମୋହରେ ପଡିଥିବା ଆଧୁନିକ ମଣିଷର ବୈଦ୍ଧିକ ବିଚାରଶକ୍ତି କିପରି ହ୍ରାସ ଘଟିଛି,ତାର ମନସ୍ତତ୍ତ୍ୱିକ ବିଶ୍ଳେଷଣ ନିଜ ବକ୍ତବ୍ୟରେ ପ୍ରଦାନ କରିଥିଲେ। ସେହିପରି ଯୁବକ ଯୁବତୀଗଣ ନିଜ ସାମାଜିକ ସ୍ଥିତି ନେଇ ଅନ୍ୟ ସାଙ୍ଗମାନଙ୍କ ସହିତ



ନିଜକୁ ତୁଳନା ନକରି ନିଜର ପରିବାରକୁ ନେଇ ଆଇସନ୍ତୋଷ ବୋଧ କଲେ ହିଁ ସୁଖ ସନ୍ତୋଷର ଅଧିକାରୀ ହୋଇପାରିବ ବୋଲି ଡ ଜୟଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସାଗରିକା ସିଂହ ପ୍ରଥମ ଅଧିବେଶନର ସ୍ୱାଗତ ଭାଷଣରେ ମଣିଷର ପ୍ରତ୍ୟେକଟି କାର୍ଯ୍ୟକଳାପରେ ମନସ୍ତତ୍ତ୍ୱର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କରିଥିଲେ। ମୁଖ୍ୟ ଅଧିବେଶନର ପ୍ରଥମ ଭାଗକୁ ରସାୟନ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ବିଘ୍ନାଂଶୁ ଜେନା ଓ ଦ୍ୱିତୀୟ ଭାଗକୁ ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ଡ ଚନ୍ଦ୍ରକାନ୍ତ ଦାସ ସଭାପତିତ୍ୱ କରି ସଭା ପରିଚାଳନା କରିଥିଲେ। ସମ୍ପାନର ବୈଷୟିକ ଅଧିବେଶନକୁ କଳ୍ପଲତା ବେହେରା ପରିଚାଳନା କରିଥିଲେ। ଏହି ଉଦଯାପନୀ ଉତ୍ସବରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡ ମନୋଜ ସେଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ନିଜ ମାନବିକ ମୂଲ୍ୟବୋଧକୁ ବଜାୟ ରଖିବା ଦିଗରେ ମନସ୍ତତ୍ତ୍ୱ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ମହାବିଦ୍ୟାଳୟର ଆକ୍ୟୁଏସି ସଂଯୋଜକ ଡ ଧନେଶ୍ୱର ବେହେରା ସମ୍ପାନ ସଂପର୍କରେ ନିଜ ଅଭିମତ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ ଅଞ୍ଜନା ପୃଷ୍ଟି, ସହକାରୀ ପ୍ରଫେସର ଡ ଦେବସ୍ମିତା ଜେନା, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାଢ଼ୀ ଓ ରାହୁଲ କର୍ଣ୍ଣ ଆଦିଙ୍କ ତତ୍ତ୍ୱାବଧାନରେ ସମ୍ପାନ ପରିଚାଳିତ ହୋଇଥିଲା। ସମ୍ପାନର ଉଦଘାଟନୀ ସମାରୋହରେ ମନସ୍ତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ତଥା ଆବାହକ ଡ ଅଞ୍ଜନା ପୃଷ୍ଟି ସମ୍ପାନର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ଓ ସହକାରୀ ପ୍ରଫେସର ଡ ଦେବସ୍ମିତା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଦେବାହୁତି ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଜଣାଇଥିଲେ ଏବଂ ଲକ୍ଷ୍ମୀପ୍ରିୟା ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଭାଗୀୟ ସ୍ମରଣୀକା ଉନ୍ମୋଚନ କରାଯାଇଥିଲା। ଏହି ଜାତୀୟ ସମ୍ପାନରେ ଉଭୟ ଅନଲାଇନ ଓ ଅଫଲାଇନରେ ମୋଟ ୩୫ଟି ଗବେଷଣାକେ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଶେଷରେ ବିଭାଗୀୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ମଉଳି ଯାଉଛି ଚାଷୀଙ୍କ ସ୍ୱପ୍ନ

# ୧୦ ବର୍ଷ ବିତିଲାଣି; ରୁଞ୍ଜିବିନ୍ଧା ଉଠା ଜଳସେଚନ ପ୍ରକଳ୍ପ ଅଧୁରା



ଶୁକୁଳି, ୩୦।୩(ସମିସ): ଚାଷୀଙ୍କ ଆଶା ଆକାଂକ୍ଷାକୁ ଆଧାର କରି ଆରମ୍ଭ ହୋଇଥିବା ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ବର୍ତ୍ତମାନ ଅଧୁରା ରହି ଚାଷୀଙ୍କ ସ୍ୱପ୍ନକୁ ମଉଳାଇ ଦେଉଛି। ରରୁଆଁ ବ୍ଲକ ଅନ୍ତର୍ଗତ ରୁଞ୍ଜିବିନ୍ଧା ଗ୍ରାମ ନିକଟରେ ଚିରସ୍ରୋତା ବୈତରଣୀ ନଦୀ ଉପରେ ୨୦୧୬ରେ ୬୩.୫୪ କୋଟି ଟଙ୍କା ଅଟକଳରେ ଏହି ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ନିର୍ମାଣ କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ସମୟ ସୀମା ୨୦୨୪ ମାର୍ଚ୍ଚ ୩୧ ତାରିଖରେ ସମାପ୍ତ ହେବାକୁ ଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପ୍ରକଳ୍ପ ଅଧୀନରେ ବୈଦ୍ୟନାଥ ଓ ଅଙ୍ଗାରପଦା ପଞ୍ଚାୟତର ମୁକୁନା, ଦେଓଢିପା, ରୁଞ୍ଜିବିନ୍ଧା, ସାଆନ୍ତବନ୍ଧ, ମୁଣ୍ଡାକଟା, ଟିକରପଡ଼ା, ବୈଦ୍ୟନାଥ, ପତରପଚା, କମାରବନ୍ଧ, ଯାମୁନ୍ତି, ନୂଆବେଡା, ମହୁଲଡିହା, କଲନ୍ଦା, ଜଡ଼ିପଦା, ଗାଲୁସାହି, ଅଙ୍ଗାରପଦା, ତୁଳସୀପୁର, ପଲସା, କନିକା, ଚିରୁହାଟୁ ପ୍ରଭୃତି ଗ୍ରାମର ୧୮୫୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବାର ଲକ୍ଷ୍ୟ ରହିଥିଲା। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ୧୦ ବର୍ଷ ବିତିଯାଇଥିବା ସତ୍ତ୍ୱେ ପାଇପ ପୋତା କାମ ବ୍ୟତୀତ ଅନ୍ୟାନ୍ୟ ମୁଖ୍ୟ ନିର୍ମାଣ କାର୍ଯ୍ୟ ଆଗକୁ ବଢ଼ିପାରିନାହିଁ। ଫଳରେ ଚାଷୀ ପ୍ରତିବର୍ଷ ବର୍ଷାଜଳ ଉପରେ ନିର୍ଭର କରି ଚାଷ କରିବାକୁ ବାଧ ହେଉଛନ୍ତି। ସ୍ଥାନୀୟ ଚାଷୀଙ୍କ କହିବା ଅନୁସାରେ, ଯଦି ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ ହୋଇଥା'ନ୍ତା, ତେବେ ଅଞ୍ଚଳର କୃଷି ଉତ୍ପାଦନରେ ବୈପ୍ଳବିକ ପରିବର୍ତ୍ତନ ଦେଖିବାକୁ ମିଳିଥା'ନ୍ତା। କିନ୍ତୁ ନିର୍ମାଣ କାର୍ଯ୍ୟର ମନ୍ଥର ଗତି ଏବେ ତାଙ୍କ ମଧ୍ୟରେ ନିରାଶା ସୃଷ୍ଟି କରିଛି।

ରରୁଆଁ ବ୍ଲକ ରୁଞ୍ଜିବିନ୍ଧା ଗ୍ରାମର ଦେଓଢିପାସ୍ଥ ଏହି ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପ୍ରକଳ୍ପଟି ଏ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ସତ୍ତ୍ୱେ ଫଳକରେ ଲୋକାର୍ପଣ ହୋଇସାରିଥିବା ଉଲ୍ଲେଖ ଥିବାରୁ କୃଷିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୬ରେ ଆରମ୍ଭ ହୋଇଥିବା ଦେଓଢ଼ିପା (ରରୁଆଁ ବ୍ଲକ) ଗ୍ରାମସ୍ଥ ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ୨୦୨୪ ସୁଦ୍ଧା ସମାପ୍ତ ହେବାକୁ ଲକ୍ଷ୍ୟ ରହିଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପ୍ରକଳ୍ପର ଭବିଷ୍ୟତ ନେଇ ପ୍ରଶ୍ନ ଉଠିଛି। ପ୍ରକଳ୍ପ ଆରମ୍ଭରେ ଚାଷୀଙ୍କୁ ସେଚ ସୁବିଧା ଯୋଗାଇ ଦେଇ କୃଷି ଉତ୍ପାଦନ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଥିଲା। ବିଭିନ୍ନ ପ୍ରଶାସନିକ ଅବହେଳା, ଠିକାଦାରଙ୍କ ମନ୍ଥର କାର୍ଯ୍ୟଶୈଳୀ ଓ ନିରୀକ୍ଷଣ ଅଭାବରୁ ପ୍ରକଳ୍ପ କାମ ଦୀର୍ଘ ମିଆଦି ହୋଇପଡ଼ିଛି। ସ୍ଥାନୀୟ ଚାଷୀ ଦୀର୍ଘଦିନ ଧରି ଏହି ପ୍ରକଳ୍ପରୁ ପାଣି ସୁବିଧା ଆଶା କରୁଥିଲେ ହେଁ ବିଳମ୍ବ ହେତୁ ସେମାନଙ୍କ ସ୍ୱପ୍ନ ପୂରଣ ହୋଇପାରୁନାହିଁ। ଏ ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଶୀଘ୍ର ପ୍ରକଳ୍ପ କାମ ଶେଷ କରିବା ପାଇଁ ଦାବି ହେଉଛି।




## ଖେଲୋ ଇଣ୍ଡିଆ ପେଞ୍ଚାକ୍ ସିଲାଟ୍ ଲିଗ୍‌ରେ ମୟୂରଭଞ୍ଜ ଖେଳାଳିଙ୍କ ସଫଳତା

# ୩ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ ଜିତି ଆଣିଲେ ଗୌରବ



କରଞ୍ଜିଆ, ୩୦।୩(ସମିସ): ମେଘାଳୟର ସିଲଂଠାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ପକ୍ଷରୁ ଅସ୍ମିତା ନ୍ୟାସନାଲ୍ ଖେଲୋ ଇଣ୍ଡିଆ ପେଞ୍ଚାକ୍ ସିଲାଟ୍ ଲିଗ୍ ଆୟୋଜିତ ହୋଇଯାଇଛି। ୨୬ ଓ ୨୭ ତାରିଖ ଦୁଇଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ଖେଳାଳି ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଛନ୍ତି। ଉମାବତୀ ପାତ୍ର, ଗାୟତ୍ରୀ ବାଦ୍ରା ଓ ଭାଗ୍ୟଶ୍ରୀ ମହାନ୍ତି ରେଗୁ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଉମାବତୀ ପାତ୍ର ଇଣ୍ଡିଭିଜୁଆଲ୍ ତୁଙ୍ଗାଲ୍ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମୟୂରଭଞ୍ଜ ଖେଳାଳି ୩ଟି ସ୍ୱର୍ଣ୍ଣ ଓ ୧ଟି ବ୍ରୋଞ୍ଜ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛି। ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ସେକ୍ରେଟାରୀ ଆଶିଷ ରଞ୍ଜନ ମହାନ୍ତ, ଅଧ୍ୟକ୍ଷ ଦିବ୍ୟ ସାହୁ, ଆଥଲେଟିକ୍ ଆସୋସିଏସନ୍ ସେକ୍ରେଟାରୀ ପ୍ରଭାକର ବାଗସିଂହ ଧନ୍ୟବାଦ ଜଣାଯାଇଛି। ଜନାର୍ଦ୍ଦନ ବେହେରାଙ୍କ ସହଯୋଗ ଓ ଓଡ଼ିଶା ସେକ୍ରେଟାରୀ ଗୁରୁ ପ୍ରେମ ସିଂହ ଠାପାଙ୍କ ଆଶୀର୍ବାଦରେ ଏହି ସଫଳତା ସମ୍ଭବ ହୋଇଥିବା କୁହାଯାଇଛି। ଏହି ବିଜୟ ମୟୂରଭଞ୍ଜ ଜିଲ୍ଲା ସହ ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିବା ସ୍ଥାନୀୟ ମହଲରେ ପ୍ରକାଶ ପାଇଛି।

# ମଣ୍ଡଳ ପ୍ରଶିକ୍ଷଣ ବର୍ଗ ଶିବିର ଉଦ୍‌ଘାଟିତ






ଶୁଳିଆପଦା, ୩୦।୩(ସମିସ): ମୋରଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶୁଳିଆପଦା ବ୍ଲକର ୫୩ନଂ ଜୋନ୍‌ର ଦେଉଳିସ୍ଥ ସାଂସ୍କୃତିକ ଅନୁଷ୍ଠାନ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ର ସମ୍ମିଳନୀ କକ୍ଷରେ ୨ଦିନିଆ ମଣ୍ଡଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଛନ୍ତି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନକୁ ସଫଳ କରିବାପାଇଁ ବିଜେପି ପକ୍ଷରୁ ଏହି ପ୍ରଶିକ୍ଷଣ ଶିବିରରେ ୧୯୨ ଜଣ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଛନ୍ତି। ସମସ୍ତେ ନିଃସ୍ୱାର୍ଥପର ଭାବେ ଆମ ଦେଶ ଭାରତ ବର୍ଷର ସେବା କରିବା ଓ ଏକତା ସୂତ୍ରରେ ବାନ୍ଧି ହୋଇ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସଂକଳ୍ପ ନେଇଥିଲେ। ସନ୍ଧ୍ୟାରେ ଦାରୁଡିହି କଳାକାରଙ୍କ ଦ୍ୱାରା ଝୁମର ନୃତ୍ୟ ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏହି ଶିବିରରେ ମୟୂରଭଞ୍ଜ ଜିଲ୍ଲା ବିଜେପି ସଭାପତି ନିହାର ରଞ୍ଜନ ମୋଦୀ, ନିର୍ବାଚନମଣ୍ଡଳୀର ପ୍ରତିନିଧି ପ୍ରଦୀପ ମହାନ୍ତି, ବିସ୍ତାରକ ଜଳଧର ସାହୁ, ୫୩ନଂ ଜୋନର ମଣ୍ଡଳ ସଭାପତି ମନୋଜ କୁମାର ଦା, ସାଂସଦ ପ୍ରତିନିଧି ଭାଗବତ ମାଣ୍ଡି, ବିଜେପିର ଯୁବ ସଂଗଠକ ଅନ୍ତର୍ଯ୍ୟାମୀ କାନୁନ୍‌ଗୋ, ଦିଲ୍ଲୀପ ଦାସ, ଦୀପକ ବେହେରା, ଚିନ୍ମୟ ପଲେଇ, ଦେବାଶିଷ ପାଣି, ବିକାଶ ସାହୁ, ଭାବଗ୍ରାହୀ କାନୁନଗୋ, ରବିନ ମହାପାତ୍ରଙ୍କ ସମେତ ୮ ଟି ପଞ୍ଚାୟତର ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ଶିବିରରେ ୭ ଜଣ ପ୍ରଶିକ୍ଷକ ତାଲିମ ଦେଉଛନ୍ତି।

# ଉଦଳାରେ ଓକିଲ ସଂଘ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




ଉଦଳା, ୩୦।୩(ସମିସ): ଗତକାଲି ଅନୁଷ୍ଠିତ ହୋଇଯାଇଥିବା ଓକିଲ ସଂଘ ନିର୍ବାଚନରେ ନିର୍ବାଚିତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସୋମବାର ଅପରାହ୍ନ ୩ ଘଟିକା ସମୟରେ ଉଦଳା ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଅରୁଣ କୁମାର ବାରିକ ନବନିର୍ବାଚିତ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ, କୋଷାଧ୍ୟକ୍ଷ ଓ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ନାମ ଘୋଷଣା କରିବା ପରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଚଳିତ ବର୍ଷ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିଥିବାରୁ ସମ୍ପାଦକ ବସନ୍ତ ପରିଡ଼ା ନିର୍ବାଚନ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁରେ ମାତିଲେଣି ଛେଳି ଚୋର



ଉଦଳା, ୩୦।୩(ସମିସ): ବାଇକ୍‌ରେ ଆସି ଗାଁରେ ବୁଲୁଥିବା ଛେଳି ଚୋରି କରି ନେଇ ଚାଲିଯାଉଥିଲେ। ଆଜି ଛେଳି ଚୋରି କରିବା ସମୟରେ ଗ୍ରାମବାସୀ ଦେଖିବାରୁ ଗାଡ଼ି ଛାଡି ଖସିଯାଇଛନ୍ତି ଦୁର୍ବୃତ୍ତ। ଉଦଳା ଥାନା ଅନ୍ତର୍ଗତ ଭୁରୁଡୁବଣି ଗ୍ରାମକୁ ୩ ଜଣ ଦୁର୍ବୃତ୍ତ ଏକ ପଲସର ବାଇକ୍‌ରେ ଆସି ଗ୍ରାମ ମଧ୍ୟରେ ବୁଲୁଥିବା ଏକ ଛେଳିକୁ ବାଇକରେ ବାନ୍ଧି ନେଇଯାଉଥିଲେ। ଗ୍ରାମବାସୀ ଏହା ଦେଖି ପାଟି କରିବାରୁ ସେମାନେ ଗାଡ଼ି ଛାଡି ଚାଲିଯାଇଥିଲେ। ପରେ ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ଉକ୍ତ ବାଇକକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ମଧ୍ୟ ଗ୍ରାମରୁ ଅନେକ ଥର ଛେଳି ଚୋରି ହୋଇଥିବା ଗ୍ରାମବାସୀ କହିଛନ୍ତି।

# ରକ୍ତଦାନ ଶିବିର; ୧୨୫ ୟୁନିଟ୍ ସଂଗୃହୀତ



ବାରିପଦା, ୩୦।୩(ସମିସ): ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ବାସ୍ତବ ପରିବାର ଆନୁକୂଲ୍ୟରେ ତଥା ଆରକେ ଫାଉଣ୍ଡେସନ ସହଯୋଗରେ ସମାଜସେବୀ ତଥା ରେଡକ୍ରସର ଆଜୀବନ ସଭ୍ୟ ଅମର କୁମାର ସେଠୀ ତାଙ୍କ ୫୮ତମ ଜନ୍ମଦିନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଏହି ଶିବିରରେ ଅମର ଭାଇଙ୍କ ସମେତ ୧୨୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, କାଉନସିଲର ଅନନ୍ତ ଦାସ ଓ ଆରକେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା କାଉନସିଲର ସୁକେଶିନୀ ସେଠୀ, ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ବାର୍ ଆସୋସିଏସନର ଉପସଭାପତି ସତ୍ୟବ୍ରତ ଦାଶ, କାଉନସିଲର ଦେବାଶିଷ ପାତ୍ର ଉପସ୍ଥିତ ରହି ରକ୍ତଦାତା ସରୋଜ ସାହୁ, ଇଂ ବିପ୍ଳବ ବୁଗୁଡେଇ, ତରୁଣ ମହାନ୍ତି, ଅରୁଣ ବରାଡ଼, କାଶୀନାଥ ରଣା, ଲଳିତ ସେନ, ବାସ୍ତବ ପରିବାରର ପ୍ରଦୀପ କିଶୋର ମହାନ୍ତି, ନନ୍ଦଲାଲ ମିଶ୍ର, ଅଶ୍ୱିନୀ ବ୍ରହ୍ମା, ଶାନ୍ତନୁ କୁମାର ପାଢ଼ୀ, ଅରୁଣ କୁମାର ପାତ୍ର, ପ୍ରଦୀପ ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ଗୌରବ ମୋଦି, କାମିନୀ କଳାକାର, ତପନ ପଟ୍ଟନାୟକ, ମିଳନ ସ୍ୱାଇଁ, ଡଃ ନିରୋଜ କୁମାର ପୋଥାଳ, ଚିତ୍ତରଞ୍ଜନ ସ୍ୱାଇଁ, ସରୋଜ ମହାପାତ୍ର, ଶ୍ରବଣ ଗୋପ, ବାସେନ ମାର୍ଣ୍ଡି ଦ୍ରୌପଦୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଫିଉଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ଛାତ୍ରଛାତ୍ରୀ, ଆଞ୍ଚଳିକ ମହିଳା ମହାମଣ୍ଡଳ, ୱାର୍ଡ ନଂ୧, ନାରାୟଣ ସେବା ଟ୍ରଷ୍ଟ, ରେଡ୍ ଆଣ୍ଡ ଗ୍ରୀନ, ବାସ୍ତବ ପରିବାରର ସଦସ୍ୟ ଉପସ୍ଥିତ ରହି ଜନ୍ମଦିନ ଅବସରରେ ଅଭିନନ୍ଦନ ଜଣାଇଥିଲେ। ଏ ଅବସରରେ ୧ନଂ ୱାର୍ଡର ବରିଷ୍ଠ ନାଗରିକ ସତ୍ୟନାରାୟଣ ଜି, କୈଳାସ ବେହେରା, ଗୋକୁଳାନନ୍ଦ ଦାସ, ସଚିନ କରଙ୍କ ସମେତ ୨୫ ଜଣ ସହରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବାରୁଣୀ, ବେଲଗଡ଼ିଆ ଓ ରଘୁନାଥପୁର ଶ୍ମଶାନରେ ଶବଦାହ କରୁଥିବା ସମାଜସେବୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସମାଜସେବୀ ସୋମନାଥ ସିଂହ, ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, ଦୀପକ କୁମାର ମିଶ୍ର, ମଙ୍ଗଳ ହାଁସଦା, ରବିନାରାୟଣ ବେହେରା, କିଚକ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସାପ କାମୁଡ଼ାରେ ଯୁବକ ମୃତ

କୁଆମରା, ୩୦।୩(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଡେଙ୍ଗାମ ପଞ୍ଚାୟତ ବଣିଆବସା ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ହରି ହୋ (୪୯)। ରବିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଉଥିବାବେଳେ ଏକ ବିଷଧର ସାପ ତାଙ୍କ ଡାହାଣ ଗୋଡ଼କୁ କାମୁଡ଼ି ଦେଇଥିଲା। ତାଙ୍କୁ ପରିବାର ଲୋକେ ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ପୁଲିସ ଉଦଳା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଦୁଗୁଧା ପ୍ରାଥମିକ ବିଦ୍ୟାଳୟ

କପ୍ତିପଦା, ୩୦।୩(ସମିସ): ପରୀକ୍ଷା ପରେ ବିଦ୍ୟାଳୟକୁ ଆସୁନାହାନ୍ତି ଶିକ୍ଷକ। କେବଳ ସରକାରୀ ନିୟମର ଅନୁପାଳନ ପୂର୍ବକ ମଧ୍ୟାହ୍ନଭୋଜନ ପରେ ବନ୍ଦ ହେଉଛି ବିଦ୍ୟାଳୟ। ଏହା କଳମଗଡ଼ିଆ ପଞ୍ଚାୟତ ଦୁଗୁଧା ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏଭଳି ଅବ୍ୟବସ୍ଥା ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଧାରୁ ବିଦ୍ୟାଳୟ ବନ୍ଦ ହେଉଥିବା ନେଇ ଅନେକ ଅଭିଯୋଗ ପରେ ସତ୍ୟତା ଅନୁସନ୍ଧାନ ପାଇଁ ଆମେ ଦିନ ୨.୩୦ରେ ବିଦ୍ୟାଳୟ ପହଞ୍ଚିଥିଲୁ। ମାତ୍ର ସେତେବେଳକୁ ବିଦ୍ୟାଳୟ ବନ୍ଦ ହୋଇସାରିଥିଲା। ପ୍ରତିଦିନ ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟ ବନ୍ଦ ହେଉଥିବା ଏଠାକାର ନିତିଦିନିଆ ଘଟଣା। ପ୍ରଧାନ ଶିକ୍ଷକ ମଦପିଇ ବିଦ୍ୟାଳୟକୁ ଆସୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଆଦିବାସୀ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଦୁଗୁଧା ବିଦ୍ୟାଳୟରେ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ପଞ୍ଚମ ପାସ୍ କରୁଥିବା ଛାତ୍ରଛାତ୍ରୀ ଓଡ଼ିଆ ଅକ୍ଷର ଶିଖି ନ ଥିବାବେଳେ ଇଂରାଜୀରେ ଏ ବି ସି ଡି ଶିଖି ନ ଥିବା ଅଭିଭାବକ ଅଭିଯୋଗ କରୁଛନ୍ତି। କର୍ତ୍ତବ୍ୟରେ ଅବହେଳା କରୁଥିବା ଶିକ୍ଷକଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଦାବି କରିଥିବାବେଳେ ଦାୟିତ୍ୱରେ ଥିବା ଏବିଓ ଘନଶ୍ୟାମ ସିଂ କହିଛନ୍ତି, ପୂର୍ବରୁ ଏଭଳି ଘଟଣା ପାଇଁ ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିଲା। ତେବେ ସିଆରସିସିଙ୍କୁ ପଠାଇ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।




# ଶିମିଳିପାଳ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୩୦।୩(ସମିସ): ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ରଙ୍ଗମାଟିଆସ୍ଥ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଶିମିଳିପାଳ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଶିମିଳିପାଳ ପାଦଦେଶରେ ଥିବା ୧୪ଟି ଗ୍ରାମର ୨୫୦ରୁ ଅଧିକ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଏକାଠି ହୋଇ ଶିମିଳିପାଳ ସୁରକ୍ଷା ନେଇ ଆଲୋଚନା କରିଥିଲେ। ପରିବେଶ ପ୍ରହରୀ, ସ୍ପାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦକ୍ଷିଣ ଡିଭିଜନ ଆନୁକୂଲ୍ୟରେ




ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ପ୍ରହରୀ, ସ୍ପାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ତଥା ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲିଡିହା ସରପଞ୍ଚ ଶକୁନ୍ତଳା ବିଶ୍ୱାଳ, କଳାପଥରା ସରପଞ୍ଚ ଶ୍ୟାମଚରଣ ସିଂ, ଭାଲୁକି ସରପଞ୍ଚ ପଦ୍ମାବତୀ ହାଁସଦା, ଆଇନଜୀବୀ ତଥା ସମାଜସେବୀ ପଦ୍ମଲୋଚନ ମହାନ୍ତ, ସମାଜସେବୀ ବିଲକାନ ପ୍ରଭୁଦୟାଲ ନାଗ, ପିଠାବଟା ରେଞ୍ଜ ଅଫିସର ଜିତେନ କିସ୍କୁ, ସ୍ପାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଚୈତନ ପ୍ରସାଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

ଶିମିଳିପାଳର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଡ. ଗୌଡା ସୂଚନା ଦେଇଥିଲେ। ଶିମିଳିପାଳକୁ ବନାଗ୍ନି ମୁକ୍ତ କରିବା ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ନିକଟବର୍ତ୍ତୀ ଅନେକ ଗ୍ରାମର ଗ୍ରାମବାସୀଙ୍କ ସହଯୋଗ ଉଲ୍ଲେଖନୀୟ ବୋଲି ମତାମତ ଦେଇଥିଲେ। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁ ଗ୍ରାମବାସୀଙ୍କୁ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଶିମିଳିପାଳ ନିକଟରେ ଥିବା ଗ୍ରାମବାସୀ ଓ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଗଠନ କରିବା ପାଇଁ ଏକ ଖସଡା ପ୍ରସ୍ତୁତ କରିବାକୁ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ଉପସ୍ଥିତ ସମସ୍ତ ସରପଞ୍ଚ ନିଜ ଅଞ୍ଚଳର ଜଙ୍ଗଲ ସହିତ ଶିମିଳିପାଳ ଜଙ୍ଗଲର ସୁରକ୍ଷା ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍କୁଲ ପିଲାମାନେ ଶିମିଳିପାଳ ପାଇଁ ତାଙ୍କର ବକ୍ତବ୍ୟ ରଖିଥିଲେ। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁ ଶିମିଳିପାଳ ସମ୍ବନ୍ଧୀୟ ଅନେକ ଛୋଟ ଛୋଟ ପ୍ରାମାଣିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ସୁମନ୍ତ ଚୌଧୁରୀ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ପାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ବୈଦ୍ୟନାଥ ମାରାଣ୍ଡି ଓ କଳେବର ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରକୃତିପ୍ରେମୀ ଶିକ୍ଷକ

# ସ୍କୁଲରେ କରିଛନ୍ତି ଫୁଲ, ଫଳ ଓ ପନିପରିବା ବଗିଚା

ମୋରଡା, ୩୦।୩(ସମିସ): ଜଣେ ଶିକ୍ଷକଙ୍କ ଦରମା କମ୍ ହେଲେ ମଧ୍ୟ ସମାଜରେ ତାଙ୍କ ସମ୍ମାନ ସବୁଠାରୁ ଊର୍ଦ୍ଧ୍ୱରେ ରହିଛି। ତେବେ ବର୍ତ୍ତମାନ ସମୟରେ ଅନେକ ବିଦ୍ୟାଳୟର ଶିକ୍ଷକ ସ୍କୁଲକୁ ଠିକ୍ ସମୟରେ ଆସୁ ନ ଥିବାବେଳେ ବର୍ଷ ବର୍ଷ ସରକାରଙ୍କୁ ଠକି ଦରମା ନେଉଛନ୍ତି। ଏମିତି ଜଣେ ଶିକ୍ଷକ ଅଛନ୍ତି, ଯିଏ ଶିକ୍ଷାଦାନକୁ ନିଜର ବ୍ରତ ଭାବେ ଗ୍ରହଣ କରିଛନ୍ତି। ପିଲାଙ୍କୁ ଖେଳ ମାଧ୍ୟମରେ ଉନ୍ନତ ଶିକ୍ଷାଦାନ କରିବା ସହ ବିନା ସାରରେ ନିଜ ବିଦ୍ୟାଳୟ ବଗିଚାରେ ବିଭିନ୍ନ ପ୍ରକାରର ଫୁଲ, ଫଳ ଓ ପନିପରିବା ଗଛ ଲଗାଇ ଠିକ ଭାବେ ଯତ୍ନ ନେଉଥିବା ଦେଖିବାକୁ ମିଳିଛି। ଏହି ଶିକ୍ଷକ ଜଣକ ହେଉଛନ୍ତି ମକରା ମୁର୍ମୁ।

ମୋରଡା ବ୍ଲକ ଅଧୀନ ବଇଁଚିଡିହା କ୍ଲଷ୍ଟରର ଚମାରଦଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟର ଜ୍ୟୋତ୍ସ୍ନାରାଣୀ ଜେନା ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବାବେଳେ ମକରା ମୁର୍ମୁ ସହକାରୀ ଶିକ୍ଷକ ଅଛନ୍ତି। ତେବେ ଶିକ୍ଷକ ମକରା ମୁର୍ମୁ ନିଜର ପାଠପଢ଼ା ଶୈଳୀ ସହିତ ପିଲାଙ୍କ ସହିତ ବନ୍ଧୁତାପୂର୍ଣ୍ଣ ବ୍ୟବହାର, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ସେଥିପାଇଁ ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କ ପ୍ରିୟର ପାତ୍ର ହୋଇଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟକୁ ଆସି ନିଜର ଦାୟିତ୍ୱ ବହନ କରୁଛନ୍ତି ମକରା ସାର। ପାଠ ପଢ଼ାଇବା ସମୟରେ ଶିକ୍ଷକ ମକରା ପ୍ରତିଟି ପିଲାଙ୍କୁ ଗାଇଡ୍ କରିବା, ଆଗାମୀ ଦିନରେ ନିଜର ଭବିଷ୍ୟତ କିପରି ଗଢି ବିଦ୍ୟାଳୟର ନାମ କରି ଅଞ୍ଚଳରେ ସୁନାମ ଅର୍ଜନ କରିବେ, ସେ ଦିଗରେ ମଧ୍ୟ ଦିଗଦର୍ଶନ ଦେଉଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଉକ୍ତ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଜୟପ୍ରକାଶ ପାଳ ପୂର୍ବରୁ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହେବା ସହିତ ଗତ ନବୋଦୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। କେବଳ ପାଠ ପଢ଼ାଇବା ଦିଗରେ ଶିକ୍ଷକ ମକରା ମୁର୍ମୁ ନିଜ ଦାୟିତ୍ୱ ତୁଲାଉନାହାନ୍ତି, ଏଥିସହିତ ସେ ବିଦ୍ୟାଳୟକୁ ପରିଷ୍କାର ରଖିବା, ବିଦ୍ୟାଳୟ ପରିସରରେ ସୁନ୍ଦର ପରିବେଶ ସୃଷ୍ଟି କରିବା ପ୍ରତି ଯଥେଷ୍ଟ ଧ୍ୟାନ ଦେଇଛନ୍ତି। ଉକ୍ତ ବିଦ୍ୟାଳୟର ଛୋଟ କ୍ୟାମ୍ପସରେ ସେ ବିଭିନ୍ନ ପ୍ରକାର ଫୁଲ, ଫଳ, ପନିପରିବା ଗଛ ଲଗାଇ ପରିବେଶକୁ ବେଶ ଆକର୍ଷଣୀୟ କରିଛନ୍ତି। ବିଦ୍ୟାଳୟ ପରିସରରେ ସେ ବିଭିନ୍ନ ପ୍ରକାର ଫୁଲ ଗଛ ସହିତ ଆମ୍ବ, କମଳା, ଲେମ୍ବୁ, ପିଜୁଳି, କଦଳୀ, ପଣସ, ଫୁଲ କବି, ବନ୍ଧା କବି, ବିଲାତି, ବାଇଗଣ ଆଦି ଚାଷ କରିଛନ୍ତି। ଉକ୍ତ ପରିବା ସେ ମଧ୍ୟାହ୍ନଭୋଜନରେ ରୋଷେଇ କରିବାକୁ ଦେଇ ଛାତ୍ରୀଛାତ୍ରଙ୍କୁ ଖାଇବାକୁ ଦିଅନ୍ତି। ତେବେ ବିଦ୍ୟାଳୟର ଏସବୁ ପାଇଁ ଶିକ୍ଷକ ଜଣକ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଗ୍ରାମବାସୀଙ୍କ ସହଯୋଗରେ ସମ୍ଭବ ହୋଇଛି ବୋଲି କହିଛନ୍ତି। ଉକ୍ତ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।



